ODIA

eklavya

# ବିଲେଇ ଛୁଆ


କାହାଣୀ ଏବଂ ଚିତ୍ର

ଭି ସୁତେୟେବ





ତିନିଟି ବିଲେଇ ଛୁଆ ଥିଲେ।
ଗୋଟେ କଳା, ଗୋଟେ ମାଟିଆ,
ଆଉ ଗୋଟେ ଧଳା।





ସେମାନେ ଗୋଟେ ମୂଷାକୁ ଦେଖ୍ଲେ...
... ଆଉ ତା’ ପଛେ ପଛେ ଧାଇଁଲେ।






ମୂଷା ଡିଆଁମାରି  ଅଟା ଡବା ଭିତରେ
ପଶିଗଲା।




ଜଣ ଜଣ କରି ଏ ତିନିଜଣ ବି ସେ ଡବା
ଭିତରକୁ ପଶିଗଲେ।
କିନ୍ତୁ ସେତେବେଳକୁ ମୂଷା ସେଠାରୁ ଛୁ।








ତିନି ଧଳା ବିଲେଇ ଛୁଆ ମୁହଁ
ଶୁଖେଇ ଡବାରୁ ବାହାରି ଆସିଲେ।



ଏହି ତିନି ଧଳା ବିଲେଇ ଛୁଆ
ଗୋଟେ ବେଙ୍ଗକୁ ଦେଖିଲେ।
ବେଙ୍ଗକୁ ଧରିବା ପାଇଁ ଏମାନେ
ଦୌଡ଼ିଲେ।





ବେଙ୍ଗ ଗୋଟେ ଗ୍ୟାସ ପାଇପ୍ ଭିତରେ ପଶିଗଲା।

ତିନି ବିଲେଇ ଛୁଆ ବେଙ୍ଗ ପଛେ ପଛେ ପାଇପ୍ ରେ ପଶିଗଲେ।



ବେଙ୍ଗ ପାଇପ୍ ର ଆର ମୁଣ୍ଡରେ ବାହାରିଗଲା...

ତା' ପଛରେ ବିଲେଇର ତିନି କଳାଛୁଆ ବାହାରିଲେ।



ତିନି କଳା ବିଲେଇ ଛୁଆ
ପୋଖରୀରେ ଗୋଟେ ମାଛ
ଦେଖିଲେ...





...ଏବଂ ପୋଖରୀ ଭିତରକୁ
ଡିଆଁ ମାରିଲେ।



ମାଛଟି ପହଁରି ପହଁରି ଦୂରକୁ ପଳାଇଗଲା।




ତିନିହେଁ ପୋଖରୀରୁ ଧୋଇଧାଇ
ହେଇ ଉପରକୁ ଉଠିଲେ ।



ଆଉ ଘରକୁ ଫେରି ଆସିଲେ।



ତିନିଟି ବିଲେଇ ଛୁଆ ଥିଲେ।
ଗୋଟେ କଳା, ଗୋଟେ ମାଟିଆ,
ଆଉ ଗୋଟେ ଧଳା।





## ବୟସ୍କଙ୍କ ପାଇଁ ଏକ ଟିପ୍ପଣୀ

ବଡ ବହପ୍ରାଥମିକ ସ୍ତରରେ ପିଲାଙ୍କୁ ବହି ସହିତ ଏବଂ ପଢିବା ସହିତ ପରିଚିତ କରିବା ପାଇଁ ବଡ ବହି ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ । ଆପଣ ଯେତେବେଳେ ପିଲାମାନଙ୍କୁ ଦଳରେ ବସି ବହିର ଚିତ୍ର ଗୁଡିକୁ  ଦେଖାଇ ଗପ କହିଥାନ୍ତି କିମ୍ବା ଶ୍ରେଣୀର ସବୁ ପିଲାଙ୍କୁ ଗପଟିଏ ପଢି ଶୁଣାଇବାକୁ ଚାହୁଁଛନ୍ତି ସେତେବେଳେ ସାଧାରଣ ଆକାରର ବହିଟି ବ୍ୟବହାର କରିବା ସୁବିଧାଜନକ ହୋଇନଥାଏ । ସେଥିପାଇଁ ଏବେ ଭାଷା ପିରିୟଡ଼ରେ ପିଲାଙ୍କୁ ବଡ ବହି ବ୍ୟବହାର କରି ପଢ଼ିବାର କୌଶଳ ଶିଖାଯାଉଅଛି ।

ଏହି ବଡ ବହି ସହିତ ସେଇ ଗପର ଛୋଟ ବହି ବି ପ୍ରସ୍ତୁତ କରାଯାଇଛି ଯାହାକୁ ଶ୍ରେଣୀର ସବୁ ପିଲାଙ୍କୁ ଦିଆଯାଇପାରିବ । ଯାହାଦ୍ୱାରା  ପିଲାମାନେ ପରେ ନିଜେ ନିଜେ ଏହି ଗପକୁ ପଢି ପାରିବେ ।  ତେଣୁ ଯେତେବେଳେ ବଡ ଦଳରେ ପିଲାଙ୍କୁ ପଢ଼ିଲାବେଳେ ବଡ ବହି ବ୍ୟବହାର କରିବେ ଏହା ସୁନିଶ୍ଚିତ କରିବେ କି ପ୍ରତ୍ୟେକ ପିଲା ପାଖରେ ସେହି ବଡ ବହିର ଛୋଟ ପ୍ରାରୂପ ଟିଏ ଥିବ ।




**ବିଲେଇ ଛୁଆ**
BILEI CHHUA

Story and Illustrations: V. Suteyev
Publication: Chetana Biswal, Bansi Sharma (Editorial support),
Indu Nair, Khizar Mohammad, Kamlesh Yadav (Production)

Odia translation of *Three Kittens* published by Eklavya Foundation

First edition: September 2025 / 1000 copies
Paper: 350 GSM Ivory Matt Art
ISBN: 978-93-48176-97-4
Price: ₹ 250.00

Developed with financial support from Parag Initiative of the Tata Trusts.

Published by: EKLAVYA FOUNDATION
Jamnalal Bajaj Parisar, Jatkhedi,Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in | books@eklavya.in

Printed at: Bhandari Press, Bhopal (MP)

parag
AN INITIATIVE OF TATA TRUSTS
eklavya

ମୂଲ୍ୟ: ₹ 250.00

9789348176974